# ପ୍ରଦୋଷ ପଟ୍ଟନାୟକ

ଓଡ଼ିଶାର ସାମ୍ବାଦିକତା, ସାହିତ୍ୟ, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ପ୍ରଦୋଷ ପଟ୍ଟନାୟକ ଏକ ସୁପରିଚିତ ବ୍ୟକ୍ତିତ୍ୱ । ଓଡ଼ିଶାର ବିଭିନ୍ନ ସୁପ୍ରତିଷ୍ଠିତ ସମ୍ବାଦପତ୍ର ମାନଙ୍କରେ ସଫଳତାର ସହ କାର୍ଯ୍ୟ ନିର୍ବାହ କରି ୨୦୦୯ ମସିହାରେ ଦୈନିକ ସମ୍ବାଦପତ୍ର 'ଓଡ଼ିଶା ଭାସ୍କର' ର ମୁଖ୍ୟ ସମ୍ପାଦକ ରୂପେ ଅବସ୍ଥାପିତ ।

**ଓଡ଼ିଶା ରାଜନୈତିକ ଇତିହାସର କେତୋଟି ଅଭୁଲା ଅଧ୍ୟାୟ,** ପୃଷ୍ଠା-୧୯୨, ପ୍ରକାଶକାଳ-୨୦୧୧, ମୂଲ୍ୟ:୧୫୦ ଟଙ୍କା ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କରିବା ପରେ ୧୯୫୦ ଜାନୁୟାରୀ ୨୬ ତାରଖ ଦିନ ଏହା ଏକ ସାର୍ବଭୌମ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଥିଲା । ଦେଶରେ ସାମ୍ବିଧାନିକ ଶାସନ ବ୍ୟବସ୍ଥା ପ୍ରଚଳନ କରାଯିବା ସହିତ ନିର୍ବାଚନ ମାଧ୍ୟମରେ ଜନସାଧାରଣ ପ୍ରତିନିଧିମୂଳକ ସରାକାରକୁ କ୍ଷମତାସୀନ କରିଥିଲେ । ବିଗତ ଶତାବ୍ଦୀର ଏହି ଦ୍ୱିତୀୟାର୍ଦ୍ଧଟି ହୋଇ ଉଠିଥିଲା ଅତ୍ୟନ୍ତ ଘଟଣା ବହୁଳ । ଏହି ସମୟ ମଧ୍ୟରେ ସମଗ୍ର ଦେଶ ସହ ତାଳ ଦେଇ ଆମ ଓଡ଼ିଶାର ରାଜନୈତିକ ଇତିହାସରେ ଦୃଷ୍ଟିପଥାରୁଢ଼ ହୋଇଛି ଏଭଳି କିଛି ଚମକପ୍ରଦ ଘଟଣା ଯାହା କ୍ଷଣକପାଇଁ ହେଲେ ମଧ୍ୟ ଜନସାଧାରଣଙ୍କୁ ଆନ୍ଦୋଳିତ କରିଛି । କ୍ରମେ ବିସ୍ମୃତି ଗର୍ଭକୁ ଚାଲିଯାଉଥିବା ସେଭଳି କିଛି ରୋମାଞ୍ଚକର ଘଟଣାକୁ ଲିପିବଦ୍ଧ କରାଇ ପୁସ୍ତକ ଆକାରରେ ପାଠକଙ୍କୁ ଭେଟିଦେବାପାଇଁ ଏହା ଏକ ନମ୍ର ପ୍ରୟାସ । ଉକ୍ତ ପୁସ୍ତକରେ ସ୍ଥାନିତ ଲେଖାଗୁଡ଼ିକ କୌଣସି ଧାରାବାହିକ ରାଜନୈତିକ ଇତିହାସ ନୁହେଁ । କେବଳ କେତୋଟି ବହୁ ଚର୍ଚ୍ଚିତ ରାଜନୈତିକ ଘଟଣାବଳୀର କୌତୁହଳପ୍ରଦ ଅନୁଭୂତି ।